୫ ନଭେମ୍ବର ୨୦୨୧ ଖୁତବା ଜୁମାର ସାରାଂଶ
ସ୍ଥାନ – ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ

**ତହରିକେ ଜଦିଦ୍ର ୮୭ତମ ବର୍ଷରେ ଜମାଅତ ଅହେମଦିୟାର ସଦସ୍ୟବୃନ୍ଦଙ୍କର ଅର୍ଥଦାନ କରିବାର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ଏବଂ ୮୮ତମ ବର୍ଷର ସୁଭାରମ୍ଭ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ୱହ୍‌ଦହୁ ଲାଶରିକା ଲହୁ ୱ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ୱରସୁଲୁହୁ ଅମ୍ମା ବାଦ୍‌ଫଂଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍ୱଲଜ୍ୱାଲ୍‌ଲିନ୍

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନୱ୍ୱର[ଅ.ବ] କହିଲେ; ଅଲ୍ଲାଃତାଲା ମୋମିନ୍‌ମାନଙ୍କର ଯେଉଁ ବିଶେଷତ୍ୱ ବର୍ଣ୍ଣନା କରିଛନ୍ତି ସେଥିମଧ୍ୟରୁ **ଗୋଟିଏ** ନିଜ ପବିତ୍ର ଅର୍ଥରୁ ଅଲ୍ଲାଃଙ୍କ ମାର୍ଗରେ ତାଙ୍କ ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ଖର୍ଚ୍ଚ କରିବା ଅଟେ । ଅଲ୍ଲାଃତାଲା ପବିତ୍ର କୁରଆନରେ ଏକଥା ସ୍ପଷ୍ଟ କରିଛନ୍ତି, ଯେ ମୋମିନ୍ ହେଉଛନ୍ତି ସେହିମାନେ ଯେ ଅଲ୍ଲାଃଙ୍କ ମାର୍ଗରେ ନିଜ ଅର୍ଥ ଦାନ କରିଥାନ୍ତି । କୌଣସି ସ୍ଥଳେ ଜକାତ୍ ଓ ସଦକାଃ ମାଧ୍ୟମରେ ଖର୍ଚ୍ଚ କରିବାକୁ କହିଛନ୍ତି ତ ଆଉ କେଉଁ ସ୍ଥଳେ ଅନ୍ୟ ପନ୍ଥାରେ ଖର୍ଚ୍ଚ କରିବାକୁ ଅନୁପ୍ରାଣିତ କରିଛନ୍ତି । ପୁନଶ୍ଚ ସେହି (ସଂଗ୍ରହିତ) ଅର୍ଥକୁ ବିନିଯୋଗ କରିବାର ଭିନ୍ନ ଭିନ୍ନ ମାର୍ଗ ବିସ୍ତାର ଭାବରେ ଦର୍ଶାଇଛନ୍ତି । ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦର ପ୍ରତିଷ୍ଠା, ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କ ଧ୍ୱଜା ସମଗ୍ର ସଂସାରରେ ଲହରେଇବା ଏବଂ ହଜରତ ମସିହ ମଉଦ[ଅ.ସ] ଯେଉଁ ମିଶନ୍ ନେଇ ଆସିଥିଲେ ସେହି ବିଶାଳ କାର୍ଯ୍ୟକୁ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ସମଗ୍ର ବିଶ୍ୱରେ ବସବାସ କରୁଥିବା ଅହେମଦି ସଦସ୍ୟବୃନ୍ଦ ଧର୍ମ ମାର୍ଗରେ ଅର୍ଥ ଦାନ କରିବାର ନମୁନା ପ୍ରଦର୍ଶନ କରୁଛନ୍ତି । ଯେଉଁ ନମୁନାଗୁଡ଼ିକୁ ଦେଖି ମଣିଷର ବିଶ୍ୱାସ ପୂର୍ବ ଅପେକ୍ଷା ଅଧିକ ଦୃଢ଼ୀଭୂତ ହୋଇଥାଏ, ଯେ ସୁନିଶ୍ଚିତ ରୂପେ ହଜରତ ମସିହ ମଉଦ[ଅ.ସ] ଅଲ୍ଲାଃତାଲାଙ୍କର ସେହି ପ୍ରେରିତ ଦୂତ ଯାହାଙ୍କ ମାଧ୍ୟମରେ ଏହି ଅନ୍ତିମ ଯୁଗରେ ଇସଲାମର ସୁନ୍ଦର ଶିକ୍ଷା ସଂସାରରେ ପରିବ୍ୟାପ୍ତ ହେବା ନିୟତ ଥିଲା । **ଯଦି ଅହେମଦିୟତ୍‌ର ବିରୋଧୀମାନେ କେବଳ ଏହି ଗୋଟିଏ ନିଦର୍ଶନକୁ ନିଜ ହୃଦୟର ମଳିନତାକୁ ଦୂର କରି ଦେଖିନିଅନ୍ତି ତେବେ ଅହେମଦିୟତ୍‌ର ସତ୍ୟତା ସେମାନଙ୍କ ହୃଦୟକୁ ପବିତ୍ର କରିଦେବ** । କିନ୍ତୁ ଏହି ନାମକୁ ମାତ୍ର ଧର୍ମଗୁରୁ (ମୌଲବି)ଙ୍କ ହୃଦୟ ତ ପାଷାଣ ଠାରୁ ମଧ୍ୟ ଅଧିକ ଶକ୍ତ ।

ଜମାଅତ ଅହେମଦିୟା କୌଣସି ଅରବପତୀ ଜମାଅତ ନୁହେଁ, ଏହି ଜମାଅତର ଅଧିକାଂଶ ଲୋକ ଗରିବ ଓ ମଧ୍ୟବିତ ଶ୍ରେଣୀର । କିନ୍ତୁ ଏହା ସତ୍ତ୍ୱେ ସେମାନଙ୍କ ମଧ୍ୟରେ କୁରବାନୀର ଏକ ଉତ୍ସାହ ଓ ଉମଙ୍ଗ ଭରି ରହିଛି । ଜମାଅତ ନିଜର ସୀମିତ ସମ୍ବଳ ମଧ୍ୟରେ ଯେଉଁ କାର୍ଯ୍ୟ ଆରମ୍ଭ କରିଥାଏ ଅଲ୍ଲାଃତାଲା ସେଥିରେ କଲ୍ୟାଣ ରଖି ଦେଇଥାନ୍ତି । ଯେତେବେଳେ ଜମାଅତ ଉନ୍ନତି ଓ ବିକାଶ ଲାଭ କରିଥାଏ ତେବେ ବିଭିନ୍ନ ଚିନ୍ତାଧାରା ରଖୁଥିବା, ସ୍ୱଳ୍ପ ପ୍ରଶିକ୍ଷିତ ପୁରାତନ ଅହେମଦିମାନଙ୍କ ମଧ୍ୟରେ ଏପରି ଲୋକ ଦୃଷ୍ଟିଗୋଚର ହୋଇଥାନ୍ତି ଯେ ଏହି ପ୍ରଶ୍ନ କରି ଦେଇଥାନ୍ତି କି ଆମେ ଚାନ୍ଦା କାହିଁକି ଓ କ'ଣ ପାଇଁ ଦେବୁ ? ଏପରି ଲୋକେ ନିଜ ଘରେ ନିଜ ସନ୍ତାନମାନଙ୍କ ସମ୍ମୁଖରେ ମଧ୍ୟ ଏପରି (ନକାରାତ୍ମକ) ବାର୍ତ୍ତାଳାପ ଆରମ୍ଭ କରିଦେଇଥାନ୍ତି । ଯଦ୍ୱାରା ପିଲାମାନଙ୍କ ମନରେ ମଧ୍ୟ ଏପରି ପ୍ରଶ୍ନ ଉଙ୍କି ମାରିବା ଆରମ୍ଭ ହୋଇଥାଏ । ସୁତରାଂ ଏହା କର୍ମକର୍ତ୍ତାମାନଙ୍କ ଦାୟିତ୍ୱ ଯେ ନିଜ ଆଚରଣ ଓ ଅମଳ ଦ୍ୱାରା ଲୋକମାନଙ୍କ ସନ୍ଦେହ ଦୂର କରନ୍ତୁ । ଲୋକମାନଙ୍କୁ ଆଶ୍ୱସ୍ତ କରାନ୍ତୁ, ସେମାନଙ୍କୁ ଜ୍ଞାତ ହେବା ଉଚିତ୍ ଯେ ସେମାନେ ଯେଉଁ

କୁରବାନୀ କରୁଛନ୍ତି ତାହାର ଆବଶ୍ୟକତା କେତେ ଅଧିକ ରହିଛି । ଲୋକମାନଙ୍କୁ ବୁଝାନ୍ତୁ ଯେ ଏହି ଅର୍ଥଦାନ କରିବାର ପ୍ରଭୁଙ୍କ ଦୃଷ୍ଟିରେ କିଭଳି ଗୁରୁତ୍ୱ ରହିଛି । ଏହି କୁରବାନୀ ଫଳରେ ସେମାନଙ୍କୁ ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭ ହୋଇଥାଏ । ସେହି ଅର୍ଥ ଦ୍ୱାରା ଇସଲାମର ପ୍ରଚାର ପ୍ରସାର କାର୍ଯ୍ୟ, ଆମ ଟି.ଭି ଚ୍ୟାନେଲର ପ୍ରସାରଣ କାର୍ଯ୍ୟ, ମୁବଲ୍ଲିଗ୍ ଓ ମୌଅଲିମ୍‌ମାନଙ୍କ ମାଧ୍ୟମରେ ତବଲିଗ୍‌ର ଖର୍ଚ୍ଚ ବହନ କରିବା, ମସଜିଦ୍ ଓ ମିଶନ୍ ହାଉସ୍ ନିର୍ମାଣ କରିବା, ପୁସ୍ତକ ପ୍ରକାଶନ, ଗରିବ ଓ ଅଭାବୀ ପିଲାମାନଙ୍କ ଶିକ୍ଷାରେ ବିନିଯୋଗ କରିବା ତଥା ଭୋକିଲା ଲୋକମାନଙ୍କୁ ଖାଦ୍ୟ ଖୁଆଇବାର ବ୍ୟବସ୍ଥା କରିବାରେ ଖର୍ଚ୍ଚ ହୋଇଥାଏ ।

ଏକଥା ମୁଁ ଏଥି ସକାଶେ ଆଲୋଚନା କରୁ ନାହିଁ ଯେ ଖୁଦାନାଖାସ୍ତା (ଅଲ୍ଲାଃ ନକରନ୍ତୁ) ଅହେମଦିମାନଙ୍କ ମଧ୍ୟରେ (ଅର୍ଥଦାନ କରିବା ପୂର୍ବରୁ) ଅତ୍ୟଧିକ ପ୍ରଶ୍ନ ଉଠୁଅଛି । ବରଂ ଏହି ଉଦ୍ଦେଶ୍ୟରେ କହୁଛି, ଯେ ଯେତେବେଳେ ଜମାଅତ ଉନ୍ନତି ଓ ବିକାଶ ପଥରେ ଅଗ୍ରସର ହୋଇଥାଏ ସେତେବେଳେ ସେହି ଉନ୍ନତି ସହିତ ଶୈତାନୀ ଭ୍ରମ ଉତ୍ପର୍ନ୍ତକାରୀ ମଧ୍ୟ ଆସି ଯାଇଥାନ୍ତି । ଯେ ବିଭ୍ରାଟ ଓ ବିଶୃଙ୍ଖଳା ସୃଷ୍ଟି କରି ସ୍ୱଳ୍ପ ପ୍ରଶିକ୍ଷିତ ଲୋକମାନଙ୍କ ମନରେ ସନ୍ଦେହ ଜାତ କରିବାକୁ ଉଦ୍ୟମ କରିଥାନ୍ତି । ଅଲ୍ଲାଃତାଲାଙ୍କର ଅଶେଷ ଦୟା ଯେ ଆମ ଜମାଅତର ସଦସ୍ୟବୃନ୍ଦ ବେଶ୍ ଦୃଢ଼ ଚିନ୍ତାଧାରା ପୋଷଣ କରିଥାନ୍ତି । ବସ୍ତୁତଃ ସେମାନେ ଶୈତାନୀ ଭ୍ରମକୁ ଭ୍ରୂକ୍ଷେପ କରି ନଥାନ୍ତି ବରଂ ସେମାନେ ଏକଥା ହୃଦୟଙ୍ଗମ କରିଥାନ୍ତି ଯେ ଜମାଅତକୁ ପରିଚାଳିତ କରିବା ପାଇଁ ଅର୍ଥର ଆବଶ୍ୟକତା ରହିଛି ଏବଂ ଅଲ୍ଲାଃତାଲା ଆଦେଶ ମଧ୍ୟ ଦେଇଛନ୍ତି; ଯେ ଆମ୍ଭ ମାର୍ଗରେ ଖର୍ଚ୍ଚ କର ।

ଅଲ୍ଲାଃତାଲା ଆମର ଏହି କୁରବାନୀକୁ କଦାପି ବ୍ୟର୍ଥ ଯିବାକୁ ଦେବେ ନାହିଁ, ଏହା ତାଙ୍କର ଅଙ୍ଗୀକାର ଯେ ସେ ବଳିଦାନକାରୀଙ୍କୁ ସେହିସ୍ଥଳୁ (ଅର୍ଥ) ପ୍ରଦାନ କରିବେ ଏବଂ ଦେଇଥାନ୍ତି ମଧ୍ୟ ଯେଉଁସ୍ଥଳୁ (ଅର୍ଥ) ଆସିବାର ମଣିଷ କଳନା ମଧ୍ୟ କରି ନଥାଏ । ସୁତରାଂ ଅଲ୍ଲାଃତାଲା ନିଜ ପ୍ରତିଶୃତି ନିଶ୍ଚୟ ପୂରଣ କରିଥାନ୍ତି ଏବଂ ଜମାଅତ ଅହେମଦିୟାରେ ଏଭଳି ଅଗଣିତ ଉଦାହରଣ ରହିଛି, ଯେଉଁମାନଙ୍କ ନିକଟରେ ବିଶେଷ କିଛି ନଥିଲେ ମଧ୍ୟ ପ୍ରଭୁଙ୍କ ମାର୍ଗରେ ତାଙ୍କ ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ଖର୍ଚ୍ଚ କରିବା ଫଳରେ ପରମେଶ୍ୱର ତାହାକୁ କୌଣସି ନା କୌଣସି ମାଧ୍ୟମରେ (ଅଧିକ) ପ୍ରଦାନ କରି ଦେଇଥାନ୍ତି । ଏପରି ନୁହେଁ ଯେ ଏହା କୌଣସି ପୁରୁଣା ଲୋକକଥା ବରଂ ଏହା ଏଭଳି ଅଭିଜ୍ଞତା ଯାହାକି ଲୋକେ ଆଜି ମଧ୍ୟ ମୋତେ ପତ୍ର ଲେଖି ଜଣାଉଛନ୍ତି । ଅଲ୍ଲାଃତାଲା ଆଜି ମଧ୍ୟ ମୋମିନ୍‌ମାନଙ୍କ ବିଶ୍ୱାସକୁ ଦୃଢ଼ତା ପ୍ରଦାନ କରି ଚାଲିଛନ୍ତି । ସେ କେବଳ ବଳିଦାନକାରୀମାନଙ୍କ ଉପରେ ନିଜ କୃପା ଅବତୀର୍ଣ୍ଣ କରି ନଥାନ୍ତି ବରଂ ଏହି ଘଟଣାବଳୀ ଦ୍ୱାରା ପ୍ରଭୁ ସେହି ବଳିଦାନକାରୀଙ୍କ ପରିଜନମାନଙ୍କ ବିଶ୍ୱାସକୁ ମଧ୍ୟ ଦୃଢ଼ୀଭୂତ କରିଥାନ୍ତି । ଆଜି ମୁଁ ସେହିପରି କିଛି ଉଦାହରଣ ଏଠାରେ ଉପସ୍ଥାପନ କରିବି ।

ଏଥିଅନ୍ତେ ହଜୁର ଅନଓ୍ୱର[ଅ.ବ] ଗିନି କନାକରୀ, କାନେଡ଼ା, ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ, କାଜାକିସ୍ତାନ, ଇଂଲଣ୍ଡ, ଭାରତ, ବୁରକିନାଫାସୋ, ସେରେଲିଓ୍ୱନ୍, ଗେବୁନ୍, ଉର୍ଦନ, ବେଲିଯ୍, ଜନ୍‌ଯବାର, ମରାକଶ୍, ଆର୍ଜେଣ୍ଟାଇନ୍, ଲାଇବେରିଆ, ମାଲି, ବେନିନ୍ ଆଦି ଦେଶରୁ ଆବାଳବୃଦ୍ଧ ବନୀତା ତଥା ଧନୀ, ଗରିବ ଏପରି ବିଭିନ୍ନ ଶ୍ରେଣୀ ଓ ଜାତିର ଅନ୍ତର୍ଭୁକ୍ତ ନିଷ୍ଠାପର ଅହେମଦିମାନଙ୍କ ଅର୍ଥଦାନ କରିବାର ବିଶ୍ୱାସ ବର୍ଦ୍ଧକ ଘଟଣାର ଚର୍ଚ୍ଚା କଲେ । ଏହି ପ୍ରସଙ୍ଗରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] ଜମାଅତ ଅହେମଦିୟା କରୋଲାଇ କେରଳ ରାଜ୍ୟ (ଭାରତ)ର ଜଣେ ଧନାଢ୍ୟ ବନ୍ଧୁଙ୍କ ପ୍ରସଙ୍ଗରେ କହିଲେ; ସମ୍ପୃକ୍ତ ବ୍ୟକ୍ତି ଜଣକ ପ୍ରତ୍ୟେକ ବର୍ଷ ତହରିକେ ଜଦିଦ୍‌ରେ ଅସାଧାରଣ ଉତ୍ସାହର ସହିତ ମୋଟା ଅଙ୍କର ଅର୍ଥଦାନ କରିଥାନ୍ତି । ଚଳିତ ବର୍ଷ କରୋନାର ସଙ୍କଟାପର୍ଣ୍ଣ ଅବସ୍ଥା ସତ୍ତ୍ୱେ ସେ ତହରିକେ ଜଦିଦ୍‌ର ପାଣ୍ଠିରେ ୧୦ଲକ୍ଷ ପରିବର୍ତ୍ତେ ୧୮ଲକ୍ଷ ଟଙ୍କା ଚାନ୍ଦା ପୈଠ କରିଥିଲେ ଏବଂ ଏପରି ମୋଟା ଅଙ୍କର ବଳିଦାନ କରିବାର ସେ ପ୍ରଣ କରି ନେଇଛନ୍ତି । ହଜୁର କହିଲେ; ଧନିକ ଗୋଷ୍ଠୀରେ ମଧ୍ୟ ଅଲ୍ଲାଃଙ୍କ କୃପାରୁ ଏପରି ଅହେମଦି ଅଛନ୍ତି ଯେ କୁରବାନୀର ଉତ୍ସାହ ପୋଷଣ କରିଥାନ୍ତି ଏବଂ ଯେଉଁଭଳି ଅର୍ଥ ଉପାର୍ଜନ କରିଥାନ୍ତି ତାହାକୁ ଗୋପନ ରଖି ନଥାନ୍ତି । ବରଂ ଅଲ୍ଲାଃତାଲାଙ୍କ ମାର୍ଗରେ ଖର୍ଚ୍ଚ କରିବାକୁ ଆଗେଇ ଆସିଥାନ୍ତି ।

ପୁନଶ୍ଚ ଗିନି କନାକରୀର ଏକ ରିଜିୟନ୍‌ରେ ବୋକେ ନାମକ ଗୋଟିଏ ଗ୍ରାମର ମିଶ୍‌ନରୀ ଇନଚାର୍ଜ କୁହନ୍ତି; ଜଣେ ନିଷ୍ଠାପର ଅହେମଦି ଶ୍ରୀମାନ ଜିବରିଲ୍ ସାହେବ ଯେ ବୃତ୍ତିରେ ବଢେଇ ଅଟନ୍ତି । ଯେତେବେଳେ ତାଙ୍କର ଚାନ୍ଦା ପୈଠ କରିବାକୁ ଧ୍ୟାନ ଆକର୍ଷିତ କରାଗଲା, ସେ କହିଲେ ଆଜି ମୁଁ ବ୍ୟକ୍ତିଗତ ଖର୍ଚ୍ଚ ପାଇଁ ୨୦ହଜାର ଫ୍ରାଙ୍କ ରଖିଥିଲି । କିନ୍ତୁ ସେହି ସମସ୍ତ ଅର୍ଥ ବର୍ତ୍ତମାନ ମୁଁ ଚାନ୍ଦାରେ ଦେଉଛି । ବର୍ତ୍ତମାନ ମୋ ହାତରେ କିଛି ନାହିଁ କିନ୍ତୁ ମୁଁ ଦୁଆ କରୁଛି ଅଲ୍ଲାଃତାଲା ଆମର ଏହି ବଳିଦାନକୁ ସ୍ୱୀକାର କରନ୍ତୁ । ଜିବରିଲ୍ ସାହେବ କୁହନ୍ତି; ଗତ ତିନି ମାସରୁ ସେ ଗୋଟିଏ କାଠର ଖଟ ତିଆରୀ କରିଥିଲେ କିନ୍ତୁ ତାହାକୁ କିଣିବା ପାଇଁ କୌଣସି ଗ୍ରାହକ ଜୁଟୁ ନଥିଲେ । ପ୍ରଭୁଙ୍କ ଲିଳା ଦେଖ ଚାନ୍ଦା ପୈଠ କରିବାର କିଛି କ୍ଷଣ ପରେ ହିଁ ଜଣେ ବ୍ୟକ୍ତି ଖଟ ଖରିଦ୍ କରିବାକୁ ଆସି ପହଂଚିଲେ ଏବଂ ସେ ତାହାକୁ ୧ ମିଲିୟନ୍ ୫ଲକ୍ଷ ଫ୍ରାଙ୍କରେ ଖରିଦ୍ କରିନେଲେ । ସେଥିଅନ୍ତେ ସେ ସଙ୍ଗେସଙ୍ଗେ ଆମ ମିଶ୍‌ନରୀ ଇନଚାର୍ଜଙ୍କୁ ଫୋନ୍ କରି କହିଲେ, ଦେଖନ୍ତୁ ଅଲ୍ଲାଃତାଲା ମୋ ବଳିଦାନ କେବଳ ସ୍ୱୀକାର କଲେ ନାହିଁ ବରଂ ତାହାକୁ ଅନେକ ଗୁଣା ବଢାଇ ଫେରସ୍ତ କରିଦେଲେ । ବର୍ତ୍ତମାନ ସେ ନିଜ ବନ୍ଧୁ ପରିଜନମାନଙ୍କ ସହିତ ମଧ୍ୟ ଏହି ବିଶ୍ୱାସ ବର୍ଦ୍ଧକ ଘଟଣାର ଆଲୋଚନା କରୁଛନ୍ତି । ଯଦ୍ଦ୍ୱାରା ସେମାନଙ୍କ ବିଶ୍ୱାସରେ ମଧ୍ୟ ଅଭିବୃଦ୍ଧି ଘଟିବ ।

ପୁନଃ ପିଲାମାନଙ୍କ ବଳିଦାନର ଏକ ଅଦ୍ଭୂତ ଘଟଣା ଦେଖନ୍ତୁ । ତଞ୍ଜାନିଆର ମୌଅଲିମ୍ ସାହେବ ଲେଖିଛନ୍ତି, ଆମ ଜମାଅତରେ ତିନି ଜଣ ଅତଫାଲ୍ ଅଛନ୍ତି । ଯେଉଁମାନେ ଚତୁର୍ଥ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି । ନିୟମିତ ରୂପେ ସେମାନେ ମସଜିଦ୍‌ରେ ଧାର୍ମିକ-ଶିକ୍ଷାଗତ କ୍ଲାସରେ ଯୋଗ ଦେଉଛନ୍ତି । ସେହି ତିନିଜଣ ପିଲାମାନେ ଅତି ଗରିବ ଘରର । ସେମାନଙ୍କର କୌଣସି ସ୍ଥାୟୀ ଆମଦାନୀ ନାହିଁ । ଗତ ମାସରେ ସେମାନେ ପରସ୍ପର ମଧ୍ୟରେ ମୁକାବିଲା କରୁଥିଲେ, ଯେ ତହରିକେ ଜଦିଦ୍‌ରେ କିଏ ଅଧିକ ଚାନ୍ଦା ପୈଠ କରିବ । ପ୍ରତ୍ୟେକ ଅଲଗା ଅଲଗା ନିଜ ଚାନ୍ଦା ଆଣୁଥିଲେ ଏବଂ ଯେଉଁଭଳି ଅର୍ଥ ସେମାନଙ୍କ ନିକଟରେ ଥିଲା । ଅର୍ଥାତ କେହି ୫୦୦ ତ କେହି ୪୦୦, ଆଉ କେହି ୭୦୦ ସିଲଙ୍ଗ୍ ଯାହା ସେମାନଙ୍କ ନିକଟରେ ଥିଲା, ପୈଠ କରିଦେଲେ । ଏକଦା ମୁଁ ତାଙ୍କୁ ପଚାରିଲି ଯେ ତୁମେ ଏହି ରାଶି କେଉଁ ଠାରୁ ଆଣିଲ । ଜଣେ କହିଲେ ମୁଁ ନିଜ ମାତାଙ୍କ ସାଥିରେ କାଠ କାଟିବାକୁ ଜଙ୍ଗଲକୁ ଯାଇଥାଏ ଏବଂ ସେ ମୋତେ ପକେଟ୍ ଖର୍ଚ୍ଚ ପାଇଁ ଯାହା ଦେଉଥିଲେ ତାହାକୁ ମୁଁ ତହରିକେ ଜଦିଦ୍‌ରେ ଚାନ୍ଦା ଦେବା ପାଇଁ ସଂଚୟ କରିଥିଲି । ସେ ଆହୁରି କହିଲେ, ଯେବେଠାରୁ ଆମେ ଚାନ୍ଦା ଦେବା ଆରମ୍ଭ କରିଛୁ ସେବେଠାରୁ ଆମକୁ କାଠ ଖରିଦ୍ କରିବା ଗ୍ରାହକ ସଙ୍ଗେସଙ୍ଗେ ମିଳି ଯାଉଛନ୍ତି ଏବଂ କଦାପି ଆମର କ୍ଷତି ହୋଇ ନାହିଁ । ଦ୍ୱିତୀୟ ପିଲା ଜଣକ କହିଲେ; ମୁଁ ନିଜ ପକେଟ୍ ଖର୍ଚ୍ଚରୁ ଚାନ୍ଦା ଦେବା ପାଇଁ ଅର୍ଥ ସଂଚୟ କରିଥିଲି । ତୃତୀୟ ପିଲା ଜଣକ କହିଲେ; ଆମ ଘର ନିକଟରେ ଏକ ଗଛରେ ଫଳ ଲାଗିଥିଲା ଯାହାର ଫଳ ଖାଇବା ପରେ ମଧ୍ୟ ବର୍ତ୍ତି ରହିଗଲା । ବସ୍ତୁତଃ ଅଧିକା ଫଳ ବିକ୍ରି କରି ସେଥିରୁ ଉପାର୍ଜିତ ଅର୍ଥ ମୁଁ ଚାନ୍ଦାରେ ପୈଠ କରିଦେଲି । ସେହି ତିନି ଜଣ ପିଲା ଚାନ୍ଦା ଦେବା ଫଳରେ ଯେଉଁ ଆତ୍ମଶାନ୍ତି ଲଭିଛନ୍ତି ତଥା ଚାନ୍ଦା ଦେବାରେ ଯେଉଁ ଅଭୂତପୂର୍ବ ବରକତ୍ ହୋଇଥାଏ ତାହାର ଆଲୋଚନା କଲେ । ଅଲ୍ଲାଃତାଲା ଏହି ପିଲାମାନଙ୍କ ବିଶ୍ୱାସ ଓ ନିଷ୍ଠାରେ ଅଭିବୃଦ୍ଧି କରନ୍ତୁ । ଏହା ସେହି ବିଶ୍ୱାସ ଯେଉଁଥିରୁ ଆମ ପିଲାମାନେ ମଧ୍ୟ ଭାଗ ନେଉଛନ୍ତି ଓ ଆନନ୍ଦ ଉପଭୋଗ କରୁଛନ୍ତି ।

ହଜୁର ଅନଓ୍ୱର[ଅ.ବ] କହିଲେ; **ସେହି ବିପ୍ଳବ ଯାହାକି ଲୋକମାନଙ୍କ ମଧ୍ୟରେ ସୃଷ୍ଟି ହୋଇଛି । ଅଲ୍ଲାଃତାଲା ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଇସଲାମର ପ୍ରଚାର ନିମନ୍ତେ ଅର୍ଥ ଦାନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃତାଲାଙ୍କ ନିକଟରେ ଏହି କୁରବାନୀ ସ୍ୱୀକୃତି ଲାଭ କରୁ ଏବଂ ଅଲ୍ଲାଃତାଲା ଆମ ଉପରେ ପ୍ରସନ୍ନିତ ହୁଅନ୍ତୁ ।**

ତହରିକେ ଜଦିଦ୍‌ର ୮୭ତମ ବର୍ଷର ସମାପ୍ତି ଅବସରରେ ପ୍ରିୟ ହଜୁର କହିଲେ; ଚଳିତ ବର୍ଷ ଜମାଅତ ଅହେମଦିୟାର ସଦସ୍ୟବୃନ୍ଦ ଏହି ପାଣ୍ଠିରେ ମୋଟ ୧୫.୩ ମିଲିୟନ୍ ପାଉଣ୍ଡ ଅର୍ଥଦାନ କରିବାର ସୌଭାଗ୍ୟ ଅର୍ଜନ

କରିଛନ୍ତି । ଏହି ଆଦାୟ ଗତବର୍ଷ ତୁଳନାରେ ୮ ଲକ୍ଷ ୪୨ ହଜାର ପାଉଣ୍ଡ ଅଧିକ ଅଟେ । ଏଥିସହିତ ପ୍ରିୟ ହଜୁର ଅନୱ୍ୱର[ଅ.ବ] ତହରିକେ ଜଦିଦ୍‌ର ୮୮ତମ ବର୍ଷର ଘୋଷଣା କଲେ । ଚଳିତ ବର୍ଷ ସମଗ୍ର ବିଶ୍ୱରେ ଜମାଅତ ଅହେମଦିୟା ଜର୍ମାନୀ ଅର୍ଥ ଦାନରେ ପ୍ରଥମ ସ୍ଥାନ ଅଧିକାର କରିଛି ।

ପାକିସ୍ତାନର ଚର୍ଚ୍ଚା କରି ସୟଦନା ହଜୁର ଅନୱ୍ୱର[ଅ.ବ] କହିଲେ; ପାକିସ୍ତାନର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇଯାଇଛି । ଏହା ବ୍ୟତୀତ ଆଜିକାଲି ସେମାନେ ଯେଉଁ ବିପତିରେ ଘେରି ରହିଛନ୍ତି । ଏସବୁ କିଛି ସତ୍ତ୍ୱେ ସେମାନେ ବେଶ୍ ଆଗକୁ ବଢି କୁରବାନୀ କରୁଛନ୍ତି । ସେମାନଙ୍କୁ ନିଜ ଦୁଆରେ ସ୍ମରଣ ରଖିବେ । ଅଲ୍ଲାଃତାଲା ସେମାନଙ୍କ ଅସୁବିଧା ଦୂର କରନ୍ତୁ ଏବଂ ସେମାନେ ସ୍ୱାଧୀନ ଭାବରେ ନିଜ ଇଜ୍‌ତେମା, ଜଲସା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ କରନ୍ତୁ ଏବଂ ମୁକ୍ତ ଭାବରେ ଆମେ ମଧ୍ୟ ସେମାନଙ୍କ କୁରବାନୀର ଚର୍ଚ୍ଚା କରିପାରିବା । ବର୍ତ୍ତମାନ ତ କିଛି ବିବଶତା ଯୋଗୁଁ ସେମାନଙ୍କ କୁରବାନୀର ଆଲୋଚନା କରିବାରୁ ବିରତ ରହୁଛି ।

ଚଳିତ ବର୍ଷ ସମଗ୍ର ବିଶ୍ୱରେ ଜମାଅତ ଅହେମଦିୟା ଜର୍ମାନୀ ପ୍ରଥମ ସ୍ଥାନ ଅଧିକାର କରିଛି । ସେଥିଅନ୍ତେ ଇଂଲଣ୍ଡ, ଆମେରିକା, କାନେଡ଼ା, ମଧ୍ୟ ଏସିଆର ଏକ ଦେଶ, ଭାରତ, ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ, ଘାନା, ଶେଷରେ ଆଉ ଏକ ମଧ୍ୟ ଏସିଆର ଦେଶ ଆଦି କ୍ରମାନ୍ୱୟରେ ସ୍ଥାନ ଅଧିକାର କରିଛନ୍ତି ।

ଯୋଗଦାନକାରୀଙ୍କ ସଂଖ୍ୟାଧିକତା ହିସାବରେ ଆଫ୍ରିକାର ଦେଶମାନଙ୍କ ମଧ୍ୟରେ ସ୍ଥାନ ଅଧିକାର କରିଥିବା ଦେଶଗୁଡ଼ିକ ହେଲେ ନାଇଜେରିଆ ପ୍ରଥମ ସେଥିଅନ୍ତେ ଗେମ୍ବିଆ, ସେନିଗାଲ, ଘାନା, ତଞ୍ଜାନିଆ, ଗିନୀ କନାକରୀ, ମଲାୱ୍ୱୀ, ୟୁଗାଣ୍ଡା, ଗିନୀ ବସାଓ, କଙ୍ଗୋ କନ୍‌ଶାସା, ବୁରକିନା ଫାସୋ, କଙ୍ଗୋ ବ୍ରାଜାୱ୍ୱେଲ୍ ଆଦି କ୍ରମାନ୍ୱୟରେ ସ୍ଥାନ ଅଧିକାର କରିଛନ୍ତି ।

ଯୋଗଦାନକାରୀଙ୍କ ସଂଖ୍ୟାଧିକତା ହିସାବରେ ଆଫ୍ରିକା ଦେଶ ବ୍ୟତୀତ ସ୍ଥାନ ଅଧିକାର କରିଥିବା ଦେଶଗୁଡ଼ିକ ହେଲେ ଜର୍ମାନୀ, ଇଂଲଣ୍ଡ, ହଲାଣ୍ଡ, ବାଙ୍ଗଲାଦେଶ ଓ ମାରିଶସ୍ ଆଦି ବିଶେଷ ଆଧିକ୍ୟତା ଲାଭ କରିଛନ୍ତି ।

ସାମୁହିକ ଆଦାୟ ଦୃଷ୍ଟି କୋଣରୁ ଭାରତର ପ୍ରଥମ ଦଶ ଗୋଟି ଜମାଅତ ଯେ ତହରିକେ ଜଦିଦ୍‌ର ପାଣ୍ଠିରେ ଅର୍ଥ ଦାନ କରିଛନ୍ତି, ସେଗୁଡ଼ିକ ଯଥାକ୍ରମେ କାଦିୟାନ୍ ପ୍ରଥମ ସେଥିଅନ୍ତେ କୋଏମ୍ବଟୁର, ହାଇଦ୍ରାବାଦ, କରୋଲାଇ, ପଥାପରମ, କଲକତା, ବ୍ୟାଙ୍ଗଲୋର, କେରଙ୍ଗ, କାଲିକଟ୍ ଓ ମେଲାପାଲମ୍ ସ୍ଥାନ ଅଧିକାର କରିଛନ୍ତି ।

ବଳିଦାନକାରୀଙ୍କ ଦୃଷ୍ଟି କୋଣରୁ ଭାରତର ପ୍ରଥମ ଦଶ ଗୋଟି ରାଜ୍ୟ ଯେ ତହରିକେ ଜଦିଦ୍‌ର ପାଣ୍ଠିରେ ଅର୍ଥ ଦାନ କରିଛନ୍ତି, ସେଗୁଡ଼ିକ ଯଥାକ୍ରମେ କେରଳ, ତାମିଲନାଡୁ, ଜମ୍ମୁକଶ୍ମିର, କର୍ଣ୍ଣାଟକ, ତେଲେଙ୍ଗାନା, ଓଡ଼ିଶା, ପଞ୍ଜାବ, ପଶ୍ଚିମବଙ୍ଗ, ଦିଲ୍ଲୀ ଓ ଲକ୍ଷଦ୍ୱୀପ ଆଦି ସ୍ଥାନ ଅଧିକାର କରିଛନ୍ତି ।

ପ୍ରିୟ ହଜୁର ଅନୱ୍ୱର[ଅ.ବ] ଏ ସମସ୍ତ ବଳିଦାନକାରୀଙ୍କ ପାଇଁ ଦୁଆ କଲେ ଅଲ୍ଲାଃତାଲା ସମସ୍ତ ଅର୍ଥଦାନକାରୀଙ୍କ ଧନସମ୍ପତ୍ତିରେ ଅଜଶ୍ର କଲ୍ୟାଣ ପ୍ରଦାନ କରନ୍ତୁ ଏବଂ ସେମାନଙ୍କ କୁରବାନୀକୁ ସ୍ୱୀକୃତି ପ୍ରଦାନ କରନ୍ତୁ । ଆମିନ୍ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱ୍ୱଲ୍ ଇହ୍‌ସାନି ୱ୍ୱଇତାଇଜିଲ କୁର୍‌ବା ୱ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱ୍ୱଲ୍ ମୁନ୍‌କରି ୱ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

5th November 2021